# ଚିକେନ୍ ଚିପ୍ସ

ଚଟ୍‌ପଟା ଖାଦ୍ୟ ଖାଇବାକୁ ସାଧାରଣତଃ ଲୋକେ ପସନ୍ଦ କରିଥାନ୍ତି। ଯଦି ତାହା ଚିକେନ୍‌ରେ ପ୍ରସ୍ତୁତ ହୋଇଥାଏ ତେବେ ଖାଇବାର ଇଚ୍ଛା ଆହୁରି ବଢ଼ିଯାଏ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନ ପାଇଛି ଚାଇନିଜ୍ ଡିସ୍ 'ଚିକେନ୍ ଚିପ୍ସ'। ଏହାର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ମାଲ୍‌ୱା ରେଷ୍ଟୁରାଣ୍ଟର ସେଫ୍ ଗୌତମ ଦେବନାଥ।



ଖାଦ୍ୟରୁଚି




## ଆବଶ୍ୟକ ସାମଗ୍ରୀ

- ବୋନ୍‌ଲେସ୍ ବ୍ରେଷ୍ଟ ପିସ୍ ଚିକେନ୍ ୧ଟି
- କର୍ନଫ୍ଲାୱାର ୧୦୦ ଗ୍ରାମ୍
- ଗୋଲମରିଚ ଗୁଣ୍ଡ ୫ ଗ୍ରାମ୍
- ଟେଷ୍ଟିଙ୍ଗ୍ ପାଉଡର୍ (ବଜାରରେ ମିଳୁଥିବା) ୫ଗ୍ରାମ୍
- ଲେମ୍ବୁ ରସ ୧ ଚାମଚ୍
- ଲଙ୍କା ଗୁଣ୍ଡ ଅଳ୍ପ ପରିମାଣର
- ରିଫାଇନ୍ ତେଲ ୨୦୦ ଗ୍ରାମ୍
- ଲୁଣ ସ୍ୱାଦ ଅନୁଯାୟୀ
- ଗାର୍ନିସିଙ୍ଗ୍ ପାଇଁ ଟମାଟୋ ସସ୍, ଚିଲି ସସ୍, ଗ୍ଲାସ୍ ନୁଡୁଲସ୍ ଫ୍ରାଏ (ବାସ୍‌ମତୀ ଚାଉଳ ଗୁଣ୍ଡରୁ ପ୍ରସ୍ତୁତ ଏକ ନୁଡୁଲ)

## ପ୍ରସ୍ତୁତ ପ୍ରଣାଳୀ

ବୋନଲେସ୍ ଚିକେନ୍‌କୁ ଭଲଭାବେ ଧୋଇଦେବେ। ପରେ ଏହାକୁ ପତଳା ପତଳା କରି କାଟି ଦେବେ। ଏହାପରେ ଚିକେନ୍‌ରେ ଲେମ୍ବୁରସ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଟେଷ୍ଟିଙ୍ଗ୍ ପାଉଡର, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ ପକାଇ ଗୋଳାଇ କିଛି ସମୟ ରଖି ଦିଅନ୍ତୁ। ତା'ପରେ ସେଥିରେ କର୍ନଫ୍ଲାୱାର ଗୋଳାଇ ଦିଅନ୍ତୁ। ଏବେ ଗ୍ୟାସ୍‌ରେ ପ୍ୟାନ ରଖି ତେଲ ଢାଳନ୍ତୁ। ତେଲ ଗରମ ହେବା ପରେ ସେଥିରେ ଗୋଳା ହୋଇ ରହିଥିବା ଚିକେନ୍‌କୁ ଗୋଟି ଗୋଟି କରି ଫ୍ରାଏ କରନ୍ତୁ। ଚିକେନ୍‌ଗୁଡ଼ିକ ବାଦାମୀ ରଙ୍ଗ ହେବା ପରେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏବେ ସେଥିରେ ବଜାରରେ ମିଳୁଥିବା ଗ୍ଲାସ୍ ନୁଡୁଲସ୍ ଫ୍ରାଏ ସହିତ ଚିଲି ସସ୍, ଟମାଟୋ ସସ୍ ଦେଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ୍ ଚିପ୍ସ'।


–ରିପୋର୍ଟ: ବନ୍ଦନା ସେଠୀ

## ମାର୍କେଟ୍‌ରେ ନୂଆ



### ମୋଟୋ ଜି୬ ପ୍ଲସ

ମୋଟୋରୋଲା ପକ୍ଷରୁ ବଜାରକୁ ଆସିଛି ନୂଆ ମୋଟୋ ଜି୬ ପ୍ଲସ। ଏହା ବଜାର ଦର ୨୨,୪୯୯ ଟଙ୍କା ରହିଛି। ଗ୍ରାହକମାନେ ଏଥିରେ ଅତ୍ୟାଧୁନିକ କ୍ୟାମେରା ଏବଂ ଦ୍ରୁତ ଚାର୍ଜିଂ ସୁବିଧା ପାଇ ପାରିବେ। ସେହିଭଳି ସମନ୍ୱିତ ଗୁଗୁଲ ଲେନ୍ସ କାର୍ଯ୍ୟକଳାପ, କ୍ୱାଲକମ୍ ସ୍ନାପଡ୍ରାଗନ୍ ୨.୨ ଗିଗାହର୍ଜ ଅକ୍ଟାକୋର ପ୍ରୋସେସର, ୬ ଜିବି ରାମ୍, ୫.୯ ଇଞ୍ଚ ବିଶିଷ୍ଟ ସମ୍ପୂର୍ଣ୍ଣ ଏଚ୍‌ଡି ପ୍ଲସ ମାକ୍ସ ଭିଜନ ଡିସ୍‌ପ୍ଲେ, ୩୨୦୦ ଏମ୍‌ଏଏଚ୍ ବ୍ୟାଟେରୀ କ୍ଷମତା ଗ୍ରାହକମାନେ ଏହି ମଡେଲରେ ପାଇପାରିବେ।




### ସାମ୍‌ସଙ୍ଗ୍‌ର ଆକ୍ଟିଭ୍ ଏଲ୍‌ଇଡି

ଘରେ ମନୋରଞ୍ଜନକୁ ଆଉଟିକେ ମଜାଦାର କରିବା ପାଇଁ ସାମ୍‌ସଙ୍ଗ୍ ଆକର୍ଷଣୀୟ ଏଲ୍‌ଇଡି ଟିଭି ବଜାରକୁ ଆଣିଛି। ୧୧୦ ଇଞ୍ଚ ଓ ୧୩୦ ଇଞ୍ଚ ବିଶିଷ୍ଟ ଫୁଲ୍ ହାଇ ଡେଫିନେଶନ(ଏଫ୍‌ଏଚ୍‌ଡି) ଏବଂ ୨୨୦ ଇଞ୍ଚ ଓ ୨୬୦ ଇଞ୍ଚ ବିଶିଷ୍ଟ ଅଲ୍‌ଟ୍ରା ହାଇ ଡେଫିନେଶନ(ୟୁଏଚ୍‌ଡି) ସ୍କ୍ରିନ୍‌ରେ ଆସିଥିବା ଏହି ଏଲ୍‌ଇଡିର ଦାମ ୧ କୋଟି ଟଙ୍କାରୁ ୩.୫ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। କମ୍ପାନୀ ଏହି ସିରିଜର ନାମ 'ଏଲ୍‌ଇଡି ଫର୍ ହୋମ୍' ରଖିଛି। ସେହିପରି ୱାର୍କିଂ ପ୍ରଫେସନାଲଙ୍କୁ ଦୃଷ୍ଟିରେ ରଖି ଏହାକୁ ବିକଶିତ କରିଥିବାରୁ ଆକ୍ଟିଭ୍ ଏଲ୍‌ଇଡି ନାମ ମଧ୍ୟ ଦେଇଛି। ବଜାର ପ୍ରବେଶ ଅବସରରେ ସାମ୍‌ସଙ୍ଗ୍ ଇଣ୍ଡିଆର କନ୍‌ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଏଣ୍ଟରପ୍ରାଇଜ୍ ବିଜନେସ୍‌ର ଉପସଭାପତି ପୁନିତ୍ ସେଚ୍ଛି କହିଛନ୍ତି, ଗ୍ରାହକଙ୍କ ନୂତନ ଆଗ୍ରହ ଓ ଚାହିଦାକୁ ପୂରଣ କରିବା ପାଇଁ ଆମେ ଏହି ନୂଆ ରେଞ୍ଜର ଉତ୍ପାଦ ବଜାରକୁ ଆଣିଛୁ।

### ଆସସ୍ ଭିଭୋ ବୁକ୍ ୧୫ ଏକ୍ସ୫୧୦ ଲାପଟପ୍

ବଜାରକୁ ଆସିଛି ଆସସ୍ ଭିଭୋ ବୁକ୍ ୧୫ ଏକ୍ସ ୫୧୦ ଲାପଟପ୍। ଏଥିରେ ରହିଛି ଅତ୍ୟାଧୁନିକ ଇଣ୍ଟେଲ ଅପ୍ଟେନ ମେମୋରି। ଆସସ୍‌ର ସମସ୍ତ ଅଫ୍‌ଲାଇନ ଷ୍ଟୋର ଓ ରିଟେଲ ଷ୍ଟୋରଗୁଡ଼ିକରେ ଏହା ଉପଲବ୍ଧ। ଏହାର ବଜାର ଦର ୪୫, ୯୯୦ ଟଙ୍କା ରହିଛି। ଏଥିରେ ଇଣ୍ଟେଲ୍‌କୋର ଆଇ୫ ପ୍ରୋସେସର,୪ଜିବି ରାମ୍, ମୋଟ ୨୦ ଜିବିର ସିଷ୍ଟମ ମେମୋରି, ୱାନଟପ୍ ଫିଙ୍ଗର ପ୍ରିଣ୍ଟ ସେନସର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏଥିରେ ରହିଛି।



## ସୌନ୍ଦର୍ଯ୍ୟର ଗନ୍ତାଘର

# ତପ୍ତପାଣି ଉଷ୍ମପ୍ରସ୍ରବଣ

ସୁଲୁସୁଲିଆ ପବନ ଶବ୍ଦରେ ଗୁଞ୍ଜରିତ ଏଠାକାର ପ୍ରାକୃତିକ ପରିବେଶ । ମୃଗ ବିହାର ଯାହାକି ଏକ ଅପୂର୍ବ ଅନୁଭବ ଆଣିଦିଏ ପର୍ଯ୍ୟଟକଙ୍କ ମନରେ। ତପ୍ତପାଣି ଉଷ୍ମପ୍ରସବଣ ଓ ଆଖପାଖର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ମତୁଆଲା କରେ । ବିଶେଷକରି ଶୀତଦିନେ ତପ୍ତପାଣିରେ ଗାଧୋଇବା ପାଇଁ ପ୍ରତ୍ୟେକ ଲୋକଙ୍କର ଅଭିଳାଷ ଥାଏ । ଏହି ପର୍ଯ୍ୟଟନସ୍ଥଳୀ ଝରଣାରୁ ଝରୁଥିବା ଗରମ ପାଣି ପାଇଁ ପ୍ରସିଦ୍ଧି ଲାଭ କରିଛି । ଖାଲି ଓଡିଶା ନୁହଁ, ଦେଶ ବିଦେଶରେ ମଧ୍ୟ ଏହାର ସୁନାମ ପ୍ରଚାରିତ ହୋଇଛି । ଏହି ଝରଣାରେ ଶୀତଦିନେ ଗାଧୋଇବା ପାଇଁ ପ୍ରବଳ ଭିଡ ହୁଏ । ମୁଖ୍ୟ କୁଣ୍ଡରୁ ଦୁଇଗୋଟି ପାଇପ୍‌ରେ ଆଉ ଦୁଇଗୋଟି କୁଣ୍ଡକୁ ପାଣି ଆସିଥାଏ । ଗୋଟିଏ କୁଣ୍ଡରେ ପୁରୁଷ, ଅନ୍ୟଟିରେ ମହିଳାମାନେ ଗାଧୋଇଥାନ୍ତି। ଗନ୍ଧକଯୁକ୍ତ ଗରମ ପାଣିରେ ଗାଧୋଇବା ମଜା ନେବା ସହିତ ଏଠାରେ ପୂଜାପାଉଥିବା ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ କରିଥାନ୍ତି । ନିକଟରେ ସ୍ୱପ୍ନେଶ୍ୱର ଶୈବପୀଠ ରହିଛି । ମା'କନ୍ଧୁଣୀ ଦେବୀଙ୍କ ଦର୍ଶନ କରିବା ପରେ ସ୍ୱପ୍ନେଶ୍ୱର ମହାଦେବଙ୍କ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ।





### ମା' କନ୍ଧୁଣୀ ଦେବୀ

ଏଠାରେ ପୂଜା ପାଉଥିବା ପୁଡାମାରୀ ରାଜା ସାହେବଙ୍କ ଅଧିଷ୍ଠାତ୍ରୀ ମା'କନ୍ଧୁଣୀ ଦେବୀ ହେଉଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ । କେଉଁ ଆବାହମାନ କାଳରୁ ପରମ୍ପରା ରହିଆସିଛି ଯେ, ଦେବୀଙ୍କ ପୀଠରେ ସନ୍ତାନ ହୀନ ମହିଳାମାନେ ମା' ପୂଜା ପାଉଥିବା ମୁଖ୍ୟ କୁଣ୍ଡ ଗରମ ପାଣି ଭିତରେ ସାତଥର ବୁଡି ଗୁଆ ଖୋଜିଥାନ୍ତି। ଆଞ୍ଜୁଳାଏ ଆଞ୍ଜୁଳାଏ ବାଲି କାଢି ଆଣିବା ପରେ ପୂଜାରୀଙ୍କ ଥାଳିରେ ତାକୁ ପକାଇଥାନ୍ତି । ଯଦି ସେହି ବାଲିରେ ଗୁଆ ଓ କଜଳପାତି ମିଳିଲା ତା ହେଲେ ପାଚିଲା କଦଳୀରେ ସେହି ଗୁଆକୁ ରଖି ପୂଜାରୀ ମହିଳାଙ୍କୁ ଖାଇବାକୁ ଦେଇଥାନ୍ତି। ମହିଳାଙ୍କ ସନ୍ତାନ ଜନ୍ମ ହେଲା ପରେ ମା'ଙ୍କ ନିକଟକୁ ତାଙ୍କ ସନ୍ତାନକୁ ଆଣି ମୁଣ୍ଡନ କରାଇଥାନ୍ତି ।

### ଚର୍ମରୋଗରୁ ମୁକ୍ତି

ଏଠାକାର ସବୁଠାରୁ ଆକର୍ଷଣ ଉଷ୍ମପ୍ରସବଣ ହୋଇଥିବା ବେଳେ ଏଥିରେ ଗାଧୋଇଲେ ଚର୍ମରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବିଶେଷ କରି ଶୀତ ଦିନେ ଦେଖା ଦେଉଥିବା ଚର୍ମରୋଗରୁ ମୁକ୍ତି ପାଇଁ ସହସ୍ରାଧିକ ସଂଖ୍ୟକ ପର୍ଯ୍ୟଟକ ପ୍ରତିଦିନ ଏଠାରେ ସ୍ନାନ କରିଥାନ୍ତି।

### ପାନ୍ଥ ନିବାସ

ତପ୍ତପାଣି ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ପାନ୍ଥ ନିବାସରେ ବିଶ୍ରାମ ନେଇଥାନ୍ତି। ପାନ୍ଥ ନିବାସରେ ବାଲକୋନିରୁ ତପ୍ତପାଣି, ମୃଗ ବିହାର ଓ ଏଠାକାର ଜଙ୍ଗଲ ପରିବେଶର ସୌନ୍ଦର୍ଯ୍ୟ ବେଶ ମନୋରମ ଲାଗିଥାଏ । ରାତ୍ରିଯାପନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଥିବା ବେଳେ ଗାଧୋଇବା ପାଇଁ ଗରମ ପାଣିର ବ୍ୟବସ୍ଥା ମଧ୍ୟ ରହିଛି । ଏପରି ସୁବିଧା ଥିବାରୁ ଶୀତ ଦିନେ ଅସଂଖ୍ୟ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ବୋଲି ପାନ୍ଥ ନିବାସ ମ୍ୟାନେଜର ରାଜେନ୍ଦ୍ର ଖଟୁଆ କହିଛନ୍ତି ।

### ବର୍ତ୍ତମାନର ସମସ୍ୟା

ବର୍ତ୍ତମାନ ତପ୍ତପାଣି ଉଷ୍ମପ୍ରସ୍ରବଣର ଉତ୍ତାପ କମିଯାଇଥିବା ଅଭିଯୋଗ ଆସିଛି। ୨୦୧୭ ଡିସେମ୍ବର ୩୧ରେ ତପ୍ତପାଣି ଉଷ୍ମପ୍ରସବଣରୁ ୨୦୦ ମିଟର ଦୂରତାରେ ରହିଥିବା ହନୁମାନ ବାଟିକାରେ ଏକ ନଳକୂପ ଖୋଳାଯାଇଥିଲା । ସେଠାରୁ ବାଷ୍ପ ଯୁକ୍ତ ଉତ୍ତାପ ଜଳ ନିର୍ଗତ ହୋଇଥିଲା । ଠିକ୍ ସେତେବେଳେ ତପ୍ତପାଣି ଉଷ୍ମପ୍ରସ୍ରବଣରେ ଗର୍ଭକୁଣ୍ଡରେ ଗରମ ପାଣି ସ୍ତର କମିବା ଓ ଗନ୍ଧକ ଯୁକ୍ତ ବାଷ୍ପ ମଧ୍ୟ କମିଯାଇଥିଲା । ପରେ ତପ୍ତପାଣି ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଜିଲାପାଳ ଏବଂ ଜିଲା ପର୍ଯ୍ୟଟନ ବିଭାଗଙ୍କ ନିକଟରେ ବାରମ୍ବାର ଦ୍ୱାରସ୍ଥ ହେବା ପରେ ହନୁମାନ ବାଟିକାରେ ନଳକୂପ ଖନନ ବନ୍ଦ କରାଯିବା ସହିତ ଖୋଳାଯାଇଥିବା ସ୍ଥାନରେ ସିମେଣ୍ଟ କଂକ୍ରିଟ୍ ଦିଆଯାଇଥିଲା । ତଥାପି ତପ୍ତପାଣି ଉ ଷ୍ମ ପ୍ରସ୍ରବଣରେ କୌଣସି ପରିବର୍ତ୍ତନ ଆସିନଥିଲା । ଉଷ୍ମ ପ୍ରସବଣରେ ଗରମ ପାଣିର ଉତ୍ତାପ ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ୫୧ ଡିଗ୍ରୀ ରହୁଥିବା ବେଳେ ବର୍ତ୍ତମାନ ସେଠାରେ ଉତ୍ତାପ ୩୫ ଡିଗ୍ରୀରୁ ୪୦ ଡିଗ୍ରୀ ମଧ୍ୟରେ ରହୁଛି ।

**ବ୍ରହ୍ମପୁରରୁ ସମୀରକାନ୍ତ ତ୍ରିପାଠୀ/ ପାଟପୁରରୁ ମଳୟ କୁମାର ସାହୁ ।**



### ମୃଗ ବିହାର

ଏଠାକାର ମୃଗ ବିହାର ଆକର୍ଷଣୀୟ । ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ୧୯୮୬ରେ ପ୍ରତିଷ୍ଠା ହୋଇଥିବା ମୃଗ ବିହାର ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇଥାଏ । ହରିଣଙ୍କ ଚଲାବୁଲା ଡିଆଁଡେଇଁ ହେଉଥିବାର ଦୃଶ୍ୟ ଅତି ନିଆରା । ଏଠାରେ କୁଟ୍ରା, ଜିଆଦ, ସମ୍ବର, କୃଷ୍ଣସାର ହରିଣ ଆଦି ରହିଛନ୍ତି।



